୮୩ଜଣ ବ୍ୟକ୍ତି ତିନିଠାକୁରଙ୍କ ସ୍ୱତନ୍ତ୍ର ସେବା ପାଇଁ ନିଯୁକ୍ତ ଥିଲେ । ୧୯୮୮ ମସିହାରେ ଆଉ ଦୁଇଗୋଟି ସେବା (ବେହେରା ସେବା, ମହନ୍ତ ସେବା) ମିଶି ତାହା ୧୨୦ରେ ପହଞ୍ଚିଥିଲା ।

ସଂପ୍ରତି ଶ୍ରୀମନ୍ଦିର ନୀତି ବ୍ୟବସ୍ଥାରେ କେତେକ ସେବା କାର୍ଯ୍ୟକାରୀ ହେଉନାହିଁ । ଶଙ୍ଖୁଆ ସେବା, ମାହାରୀ ସେବା, କଳାବେଠିଆ ସେବା ସେଇ ମଧ୍ୟରୁ କେତୋଟି । ତେବେ ନିଯୋଗର ସଂଖ୍ୟା ଛତିଶରୁ ବଢ଼ି ପ୍ରାୟ ପଇଁଚାଳିଶରେ ପହଞ୍ଚିଛି ।

ସେବକ ସଂଖ୍ୟା ବଢୁ କି କମୁ ସେବକମାନଙ୍କୁ ଯେ ''ଛତିଶ ନିଯୋଗ'' କୁହାଯାଉଥିଲା, ତାହା ଏବେ ମଧ୍ୟ କୁହାଯାଉଛି । ଛତିଶ ନିଯୋଗ କହିଲେ କେହି ସଂଖ୍ୟା ବୁଝୁନାହାଁନ୍ତି । ସେବକ ଅର୍ଥରେ ହିଁ ଘେନୁଛନ୍ତି । ବଡ଼ଠାକୁରଙ୍କ ସେବାରେ ପ୍ରତ୍ୟହ ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ସେବକ ସେବାରତ ଅଛନ୍ତି । ସେବା ଅଧିକାର ସେମାନେ ବଂଶାନୁକ୍ରମିକ ଭାବେ (କେତେକ ସ୍ଥଳରେ ବ୍ୟତିକ୍ରମକୁ ବାଦ୍ ଦେଲେ) ଲାଭ କରିଛନ୍ତି ।

**ସହାୟକ ଗ୍ରନ୍ଥସୂଚୀ**


୧. ମାଦଳା ପାଞ୍ଜି , ସମ୍ପାଦକ - ଆର୍ତ୍ତବଲ୍ଲଭ ମହାନ୍ତି

୨. ସଦାଶିବ ମିଶ୍ର - ଶ୍ରୀଜଗନ୍ନାଥ ମନ୍ଦିର ଓ ସେବକ ନିଯୋଗ ସୃଷ୍ଟି, 'ସମାଜ' ପତ୍ରିକା ୧୯୫୩. ପୃ. ୩୨-୩୬

୩. W.W. Hunter Orissa, the vicissitude of an Indian Province under Native and British rule – 1872

୪. Dr.J.P. Das, Puri Paintings

୫. Dr. Dinanath Pathy, Traditional Printing of Odisha

୬. ଭାସ୍କର ଚନ୍ଦ୍ର ମିଶ୍ର - ଶ୍ରୀମନ୍ଦିରର ସେବା ଓ ସେବକ



ଅଧୀକ୍ଷକ
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଭୁବନେଶ୍ୱର-୧୪


# ଶରଣ ଦିଅ ପ୍ରଭୁ ଚରଣାଗତେ

**ବିଚିତ୍ରାନନ୍ଦ ବାରିକ**





ଜଗବନ୍ଧୁ ଜଗନ୍ନାଥ ହେ
ସତେ କି କରୁଣା କରିବ ମୋତେ
ମରଣ କାଳରେ ତୁମ ନାମମାଳା
ଜପୁଥିବି ମୁହିଁ ହୃଦୟ ଗତେ ।

ହେ ପ୍ରଭୁ କମଳ ନୟନ
ଜାଣେ ନାହିଁ ମୁଁ ପାପ ପୁଣ୍ୟ
ମୋ ଅନ୍ତରେ ଯେଉଁ ଭାବ ପ୍ରକାଶିଲ
ସେ ଭାବେ ଭାସିଲି ସମୟ ସ୍ରୋତେ ।

ଯେବେ ଦିଅ ମାୟା ଲଗାଇ
ତୁମ ନାମକୁ ଭୁଲି ଯାଇ
ବିଷୟା ବିଷରେ ଜଡିତ ହେଉଛି
ନ ଭଜୁଛି ନାମ ଏ ମୂଢ ଚିତ୍ତେ ।

ଭାବେ ଏହା ପ୍ରଭୁଙ୍କ ଲୀଳା
ଭାବେ ବନ୍ଧା ସେ ଚକାଡୋଳା
ଭାବକୁ ନିକଟ ସେ ଅଭାବକୁ ଦୂର
ଶୁଣିଥିଲି ଯାହା ଗଲି ପରତେ ।

ଆହେ ପ୍ରଭୁ କମଳାକାନ୍ତ
କରୁଣା କର ବାରେ ମାତ୍ର
ଏ ପିଣ୍ଡରୁ ପ୍ରାଣ ଯିବା କାଳେ ମୋର
ତୁମ ନାମ ଜପୁ ଥାଉ ନିରତେ ।


ଶ୍ରୀ ବ୍ରହ୍ମ ନିବାସ ପୀଠ
ନିଆଳୀ, କଟକ